# ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, ବାଲେଶ୍ୱର

## ବିଜ୍ଞାପନ

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆ ଯାଉଛି ଯେ, ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, ବାଲେଶ୍ୱରଙ୍କ ଅଧିନରେ ୩୬ ଗୋଟି ଆଟେଣ୍ଡେଣ୍ଟ ପଦବୀ ଚୁକ୍ତିଭିତ୍ତିକ ପଦ୍ଧତିରେ ମାସିକ ପାରିଶ୍ରମିକ ଟ 8070/- ରେ କେବଳ ବାଲେଶ୍ୱର ଜିଲ୍ଲାରୁ ଗୋମିତ୍ର ପ୍ରାର୍ଥୀ/ପ୍ରାର୍ଥୀନୀ ଦ୍ୱାରା ପୂରଣ କରିବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ଗ୍ରହଣ କରିଛନ୍ତି । ତଦନୁଯାୟୀ, ଜିଲ୍ଲା ସ୍ତରୀୟ ଜାତି ଗତ ସଂରକ୍ଷଣ ଭିତ୍ତିକ ପଦବୀ ପୂରଣ ପାଇଁ ତାଲିକା ନିମ୍ନରେ ପ୍ରଦାନ କରାଗଲା ।

| କ୍ର. ସଂ | ବର୍ଗ | ପୁରୁଷ | ମହିଳା | ମୋଟ ପଦବୀ |
|---|---|---|---|---|
| ୧ | SC | ୦୩ | ୦୨ | ୦୫ |
| ୨ | ST | ୦୭ | ୦୪ | ୧୧ |
| ୩ | Unreserved | ୧୩ | ୦୭ | ୨୦ |
| | ମୋଟ | ୨୩ | ୧୩ | ୩୬ |

ଆବେଦନ ଦରଖାସ୍ତ ର ଶେଷତାରିଖ ୨୦/୧୨/୨୦୧୮ ।

(ରାଜ୍ୟ ସଂରକ୍ଷଣ ଆଇନ (ORV Act) ଅନୁସାରେ ଯୋଗ୍ୟ ଭିନ୍ନକ୍ଷମ ବ୍ୟକ୍ତି, କ୍ରୀଡାବିତ ଓ ପୂର୍ବତନ ସାମରିକ କର୍ମଚାରୀ ଆବଶ୍ୟକ ସ୍ଥଳେ ପୂରଣ କରାଯିବ)

ଇଚ୍ଛୁକ ଏବଂ ଯୋଗ୍ୟ ପ୍ରାର୍ଥୀ/ପ୍ରାର୍ଥୀନୀ, ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ବାଲେଶ୍ୱରଙ୍କୁ (Chief District Veterinary Officer) ନିର୍ଦ୍ଧାରିତ ଦରଖାସ୍ତ ଫର୍ମରେ ଓ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଆବେଦନ କରିବେ ।

ସଂପୂର୍ଣ୍ଣ ବିବରଣୀ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ବାଲେଶ୍ୱର ଙ୍କ କାର୍ଯ୍ୟାଳୟ / www.~~balasore~~ (baleswar).nic.in ରେ ଉପଲବ୍ଧ ।

ସ୍ୱା/- ଡା. ନିତ୍ୟାନନ୍ଦ ଦାସ

ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ,

ବାଲେଶ୍ୱର

**ପ୍ରାର୍ଥୀ/ପ୍ରାର୍ଥୀନୀଙ୍କର ଯୋଗ୍ୟତା :-**

**(କ)** ୧) ସରକାରୀ ସ୍ୱୀକୃତିପ୍ରାପ୍ତ ଅନୁଷ୍ଠାନରୁ ମଧ୍ୟ ଇଂରାଜୀ ପରୀକ୍ଷା କିମ୍ବା ତତୁଲ୍ୟ ଶିକ୍ଷ୍ୟାଗତ ଯୋଗ୍ୟତା ପାଠ୍ୟକ୍ରମରେ ଉତ୍ତୀର୍ଣ୍ଣ ହୋଇଥିବା ଆବଶ୍ୟକ ।

୨) ଏହା ସହିତ ଜାତୀୟ ଗୋମହିଷାଦୀ ପ୍ରଜନନ ପ୍ରକଳ୍ପ (NPCBB) ମାଧ୍ୟମରେ କୃତ୍ରିମ ପ୍ରଜନନ ପ୍ରୟୋଗ କାର୍ଯ୍ୟ କ୍ଷେତ୍ରରେ କ୍ରମାଗତ ୩ବର୍ଷ ସନ୍ତୋଷ ଜନକ କାର୍ଯ୍ୟ କୁଶଳତାର ଅନୁଭୂତି ଥିବ ।

ଉଲ୍ଲେଖ କରାଯାଉଅଛିକି ଯେଉଁ ଗୋମିତ୍ର ପ୍ରାର୍ଥୀ/ପ୍ରାର୍ଥୀନୀଙ୍କର ଉପରୋକ୍ତ ଶିକ୍ଷ୍ୟାଗତ ଯୋଗ୍ୟତା ଓ ଅଭିଜ୍ଞତା ଥିବ ସେମାନେ ଏହି ଆଟେଣ୍ଡେଣ୍ଟ ଚୟନ ପ୍ରକ୍ରିୟାରେ ଭାଗ ନେଇପାରିବେ।

**(ଖ)** ପ୍ରାର୍ଥୀ/ପ୍ରାର୍ଥୀନୀ ଓଡିଆ ଭାଷାରେ କହିବା, ପଢିବା ଓ ଲେଖିବାରେ ସମର୍ଥ ଥିବେ ।

**(ଗ)** ପ୍ରାର୍ଥୀ/ପ୍ରାର୍ଥୀନୀ ଉତ୍ତମ ଚରିତ୍ରର ହୋଇଥିବେ ।

**(ଘ)** ବିବାହିତ ପ୍ରାର୍ଥୀ/ପ୍ରାର୍ଥୀନୀଙ୍କର ଗୋଟିଏ ସ୍ତ୍ରୀ/ ସ୍ୱାମୀ ରୁ ଅଧିକ ନଥିବେ ।

**(ଙ)**ପ୍ରାର୍ଥୀ/ପ୍ରାର୍ଥୀନୀ ଭରତୀୟ ନାଗରିକ ହୋଇଥିବେ ଓ ବାଲେଶ୍ୱର ଜିଲ୍ଲାର ସ୍ଥାୟୀ ବାସିନ୍ଦା ହୋଇଥିବେ ।

**(ଚ)** ସାଧାରଣ ପ୍ରାର୍ଥୀ/ପ୍ରାର୍ଥୀନୀଙ୍କ ବୟସ ୦୧.୦୧.୧୮ ସୁଦ୍ଧା ୧୮ ବର୍ଷରୁ କମ ହୋଇନଥିବ ଏବଂ ୩୨ ବର୍ଷ ରୁ ଅଧିକ ହୋଇନଥିବା ଆବଶ୍ୟକ । ତଫସିଲଭୁକ୍ତ ଜାତି/ ତଫସିଲଭୁକ୍ତ ଜନଜାତି ଏବଂ ପଛୁଆ ବର୍ଗ ଜାତି ପ୍ରାର୍ଥୀ/ପ୍ରାର୍ଥୀନୀଙ୍କ କ୍ଷେତ୍ରରେ ସର୍ବୋଚ୍ଚ ବୟସ ସୀମା ଅଧିକ ୫ବର୍ଷ କୋହଳ କରାଯିବ ।

ଅଧିକନ୍ତୁ, ଆବଶ୍ୟକ ଶିକ୍ଷାଗତ ଯୋଗ୍ୟତା, ଅଭିଜ୍ଞତା ଓ ପଦବୀ ନିମିତ୍ତ ଯୋଗ୍ୟତା ଥିବା ଗୋମିତ୍ର ପ୍ରାର୍ଥୀ/ପ୍ରାର୍ଥୀନୀଙ୍କ କ୍ଷେତ୍ରରେ ବୟସ ୦୧.୦୧.୨୦୧୮ ସୁଦ୍ଧା ୪୫ବର୍ଷରୁ ଅଧିକ ହୋଇନଥିବ ।

**ଶାରୀରିକ ଯୋଗ୍ୟତା:-**

ପ୍ରତ୍ୟକ୍ଷ ନିଯୁକ୍ତି ପାଇଁ ପ୍ରାର୍ଥୀ/ପ୍ରାର୍ଥୀନୀଙ୍କର ଯୋଗ୍ୟତା ନିମିତ୍ତ :-

କ) ପ୍ରାର୍ଥୀ/ପ୍ରାର୍ଥୀନୀ ସୁସ୍ଥ ମାନସିକ, ଶାରୀରିକ ଅବସ୍ଥା ସମ୍ପନ୍ନ ହୋଇଥିବେ ଓ ତାଙ୍କର କୌଣସି ଶାରୀରିକ ତ୍ରୁଟି (Physical Defect) ନ ଥିବ ।

ଖ) ପ୍ରାର୍ଥୀ/ପ୍ରାର୍ଥୀନୀ ଉତ୍ତମ ସ୍ୱାସ୍ଥ୍ୟ (Good Physique) ସହିତ ସର୍ବ ନିମ୍ନ ଉଚ୍ଚତା ୫' (ପାଞ୍ଚ ଫୁଟ) ହୋଇଥିବେ । ପୁରୁଷ ପ୍ରାର୍ଥୀଙ୍କ ସ୍ଥଳେ ଅଣସମ୍ପ୍ରସାରିତ ଛାତି ୩୦ (ତିରିଶ) ଇଞ୍ଚ ରହିବା ଆବଶ୍ୟକ। ମହିଳା ପ୍ରାର୍ଥୀନୀଙ୍କ କ୍ଷେତ୍ରରେ ଛାତିର ମାପ ନିଆଯିବ ନାହିଁ ।

ଗ) ପ୍ରାର୍ଥୀ/ପ୍ରାର୍ଥୀନୀ ଭଲଭାବେ ସାଇକେଲ ଚଳାଇବା ଜାଣିଥିବେ ।

**ଚୟନ ପ୍ରକ୍ରିୟା** :-ସରକାରଙ୍କ ସଂଶୋଧିତ ଚିଠି ସଂଖ୍ୟା ୧୪୪୫୩ ତାରିଖ୧୯/୧୧/୨୦୧୮ ଅନୁଯାୟୀ ଜିଲ୍ଲା ଚୟନ କମିଟି ଦ୍ୱାରା ନିମ୍ନ ଲିଖିତ ଉପାୟରେ ଆଟେଣ୍ଡେଣ୍ଟ ପଦ ପାଇଁ ଚୟନ କରାଯିବ । :-

**କ)** ୧)NPCBB ଯୋଜନା ମାଧ୍ୟମରେ ପ୍ରଜନନ ପ୍ରୟୋଗ କାର୍ଯ୍ୟ କ୍ଷେତ୍ରରେ କ୍ରମାଗତ ୩ବର୍ଷ ସନ୍ତୋଷ ଜନକ କାର୍ଯ୍ୟ କୁଶଳତାର ଅନୁଭୂତି ଥିବା ଗୋମିତ୍ର ପ୍ରାର୍ଥୀ /ପ୍ରାର୍ଥୀନୀ ମାନଙ୍କୁ ପ୍ରତି ବର୍ଷ ୧୦ ମାର୍କ ହିସାବରେ ୩୦ ମାର୍କ ଦିଆଯିବ। ଏହା ବ୍ୟତୀତ ତିନି ବର୍ଷରୁ ଉର୍ଦ୍ଧ୍ୱ ପ୍ରତ୍ୟେକ ବର୍ଷ ସନ୍ତୋଷ ଜନକ କାର୍ଯ୍ୟ ଉପରେ ୫ମାର୍କ ଲେଖାଏଁ ସର୍ବୋଚ୍ଚ ୫୦ ମାର୍କ ଦିଆଯିବ ।

୨) ପ୍ରାର୍ଥୀ/ପ୍ରାର୍ଥୀନୀଙ୍କ ଓଡିଆ ଭାଷାରେ ପଢିବା ଓ ଲେଖିବାରେ ସାମର୍ଥ୍ୟ ପରୀକ୍ଷା କରିବା ପାଇଁ ଅବଶିଷ୍ଟ ୫୦ମାର୍କ ର ଲିଖିତ ପରୀକ୍ଷା କରାଯିବ । ଲିଖିତ ପରୀକ୍ଷାର ବିଷୟବସ୍ତୁ ଜିଲ୍ଲା ଚୟନ କମିଟି ଅଧକ୍ଷ୍ୟଙ୍କ ଦ୍ୱାରା ସ୍ଥିରିକୃତ କରାଯିବ ।

**ଖ)** ଓଡିଶା ସରକାରଙ୍କ ସ୍ଥାନ ସଂରକ୍ଷଣ ନୀତିକୁ ବିଧିବଦ୍ଧ ଅନୁସରଣ କରାଯିବ। ଯଦି ଉପରୋକ୍ତ ପଦବୀ ନିମନ୍ତେ କୌଣସି ନିର୍ଦ୍ଦିଷ୍ଟ ବର୍ଗର ଉପଯୁକ୍ତ ପ୍ରାର୍ଥୀ/ପ୍ରାର୍ଥୀନୀ ନ ମିଳନ୍ତି ତାହେଲେ ସେହି ପଦବୀ ଉକ୍ତ ବର୍ଗର ପ୍ରାର୍ଥୀ/ପ୍ରାର୍ଥୀନୀ ମାନଙ୍କ ଦ୍ୱାରା ପୂରଣ କରାଯିବ।

**ଗ)** ଏହି ଆଟେଣ୍ଡେଣ୍ଟ ପଦ ପାଇଁ ଚୟନ କମିଟି ନିଜସ୍ୱ ଚୟନ ପ୍ରକ୍ରିୟା ଅନୁସରଣ କରିବେ ।

ନିମ୍ନ ନିର୍ଦ୍ଧାରିତ ଫର୍ମ ଅନୁଯାୟୀ ଆବେଦନ ପତ୍ର ଏବଂ ଆବଶ୍ୟକୀୟ ପ୍ରମାଣ ପତ୍ରର ଅବିକଳ ନକଲ (Copy) ସହ ସମ୍ପୃକ୍ତ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ (Chief District Veterinary Officer) କାର୍ଯ୍ୟାଳୟରେ କେବଳ ରେଜିଷ୍ଟ୍ରି ବା ସ୍ପୀଡ ପୋଷ୍ଟ ଡାକ ଦ୍ୱାରା ଦାଖଲ କରିପାରିବେ ।

ଦରଖାସ୍ତ ପଠାଇବା ଲଫାପା ଉପରେ 'ଆଟେଣ୍ଡେଣ୍ଟ ପଦ ପାଇଁ ଦରଖାସ୍ତ' ଉଲ୍ଲେଖ କରିବା ଆବଶ୍ୟକ।

**ଆବେଦନ ପତ୍ର ସହ ଦାଖଲ କରିବାକୁ ଥିବା ପ୍ରମାଣ ପତ୍ର :-**

୧. ନିଜ ଦ୍ୱାରା ଆଟେଷ୍ଟେଡ ହୋଇଥିବା ଦୁଇ ଗୋଟି ପାସପୋର୍ଟ ସାଇଜ ଫଟୋଗ୍ରାଫ । ତନ୍ମଧ୍ୟରୁ ଗୋଟିଏ ଫଟୋଗ୍ରାଫ ଦରଖାସ୍ତ ଫର୍ମ ଉପରେ ଦିଆଯାଇଥିବା ନିର୍ଦ୍ଦିଷ୍ଟ ସ୍ଥାନରେ ଅଠା ଦେଇ ସଂଲଗ୍ନ କରାଯିବା ଆବଶ୍ୟକ। ଅନ୍ୟଟି ଦରଖାସ୍ତ ସହିତ ସଂଯୋଗ କରିବାକୁ ହେବ ।

୨. ଶିକ୍ଷ୍ୟାଗତ ଯୋଗ୍ୟତାର ପ୍ରମାଣ ପତ୍ରର ନକଲ ।

୩. ଶିକ୍ଷାନୁଷ୍ଠାନର ମୁଖ୍ୟଙ୍କ ଠାରୁ ଚରିତ୍ର ପ୍ରମାଣ ପତ୍ରର ନକଲ ।

୪.ସ୍ଥାନୀୟ ତହସିଲଦାରଙ୍କ ଠାରୁ ଉପଯୁକ୍ତ ହାଲ ସ୍ଥାୟୀ ବାସିନ୍ଦାର ପ୍ରମାଣ ପତ୍ରର ନକଲ।

୫. କର୍ମ ନିଯୋଜନ ସଂସ୍ଥାର ପଞ୍ଜୀକୃତ କାର୍ଡ ର ନକଲ ।

୬.ଜାତିଗତ ପ୍ରମାଣ ପତ୍ରର (SC/ST/SEBC) ର ନକଲ।

୭. ଦୁଇ ଗୋଟି ଚରିତ୍ର ପ୍ରମାଣ ପତ୍ର ଭିନ୍ନ ଭିନ୍ନ ଗେଜେଟେଡ ଅଫିସରଙ୍କ ଠାରୁ(ଯେ କି ପ୍ରାର୍ଥୀ/ପ୍ରାର୍ଥୀନୀଙ୍କ ସମ୍ପର୍କୀୟ ହୋଇନଥିବେ) ।

୮. ଯୋଗ୍ୟତା ଥିବା ଗୋ–ମିତ୍ର ପ୍ରାର୍ଥୀ/ପ୍ରାର୍ଥୀନୀ ଙ୍କ ସ୍ଥଳେ ସମ୍ପୃକ୍ତ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ ଠାରୁ କୃତ୍ରିମ ପ୍ରଜନନ ପ୍ରୟୋଗ କାର୍ଯ କ୍ଷେତ୍ରରେ ସନ୍ତୋଷଜନକ କାର୍ଯ୍ୟ କୁଶଳତାର ଅନୁଭୂତି ପ୍ରମାଣ ପତ୍ରର କପି ।

**ଆବେଦନ ପତ୍ର ଦାଖଲ କରିବାର ଶେଷ ତାରିଖ :- ୨୦.୧୨. ୨୦୧୮**

ନିର୍ଦ୍ଧାରିତ ଶେଷ ତାରିଖର ଅପରାହ୍ନ ୫ ଘଟିକା ସମୟ ସୁଦ୍ଧା ଦରଖାସ୍ତ ସମ୍ପୃକ୍ତ କାର୍ଯାଳୟରେ ନ ପହଞ୍ଚିଲେ, ତାହା ଗ୍ରହଣ କରାଯିବ ନାହିଁ । ପ୍ରାର୍ଥୀ/ପ୍ରାର୍ଥୀନୀ ଡାକ ଦ୍ୱାରା ପଠାଇଥିବା ଦରଖାସ୍ତ ଶେଷତାରିଖ ପରେ ପହଞ୍ଚିଲେ କର୍ତ୍ତୃପକ୍ଷ୍ୟ ଦାୟୀ ରହିବେ ନାହିଁ । ଅସମ୍ପୂର୍ଣ ଦରଖାସ୍ତ/ଆବଶ୍ୟକୀୟ ପ୍ରମାଣ ପତ୍ର ନ ଥାଇ ଦାଖଲ ହୋଇଥିବା ଦରଖାସ୍ତ ଗୁଡିକ ନାକଚ ହୋଇଯିବ।

ଆବଶ୍ୟକ ସ୍ଥଳେ କୌଣସି କାରଣ ନଦର୍ଶାଇ ଏହି ବିଜ୍ଞାପନକୁ ନାକଚ କରିବାର କ୍ଷମତା କର୍ତ୍ତୃପକ୍ଷଙ୍କର ଅଛି ।

ସ୍ୱା/- ଡା. ନିତ୍ୟାନନ୍ଦ ଦାସ<br>
ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ,<br>
ବାଲେଶ୍ୱର

# ଦରଖାସ୍ତ ଫର୍ମ

(ଦରଖାସ୍ତ କେବଳ ଆବେଦନ କାରୀଙ୍କ ଦ୍ୱାରା ପୂରଣ ହେବ)

୧. ପ୍ରାର୍ଥୀ/ପ୍ରାର୍ଥୀନୀଙ୍କ ନାମ :-

୨. ପିତା/ସ୍ୱାମୀଙ୍କ ନାମ:-

୩. ସ୍ଥାୟୀ ଠିକଣା :-

୪. ଯୋଗାଯୋଗ ଠିକଣା (ମୋବାଇଲ ନମ୍ବର ସହିତ):-

ଫଟୋ

୫. ଜାତୀୟତା :-

୬. ଜନ୍ମ ତାରିଖ :-

୭. ଶିକ୍ଷ୍ୟାଗତ ଯୋଗ୍ୟତା:-

୮. କୃତ୍ରିମ ପ୍ରଜନନ ପ୍ରୟୋଗ କାର୍ଯ୍ୟ କ୍ଷେତ୍ରରେ ଅଭିଜ୍ଞତା :-

୯. ଉଚ୍ଚତା:- ଛାତି ଅଣସମ୍ପ୍ରସାରିତ:-

୧୦. ଜାତି (SC/ST/SEBC/UR):-

୧୧. ବିବାହିତ/ଅବିବାହିତ:-

୧୨. ପୁରୁଷ/ସ୍ତ୍ରୀ:-

୧୩. କର୍ମ ନିୟୋଜନ ସଂସ୍ଥାରେ ପଞ୍ଜୀକୃତ କରିଥିବା କ୍ରମିକ ନମ୍ବର ଓ ତାରିଖ-

ମୁଁ ଏତଦ୍ୱାରା ଘୋଷଣା କରୁଅଛି ଯେ, ମୋ ଦ୍ୱାରା ଦିଆଯାଇଥିବା ଉପର ଲିଖିତ ସମସ୍ତ ତଥ୍ୟ ସତ୍ୟ ଓ ନିର୍ଭୁଲ ଅଟେ ।

ଆବେଦନକାରୀଙ୍କ ସ୍ୱାକ୍ଷର

ତାରିଖ:-